# ଓଡ଼ିଶାର ଗଣମାଧ୍ୟମରେ ବିଜ୍ଞାନ

ହିମାଂଶୁ ଶେଖର ଫତେସିଂହ

ବୈଚିତ୍ର୍ୟପୂର୍ଣ୍ଣ ବିଶ୍ୱର ରହସ୍ୟ ଭେଦ କରି ସତ୍ୟାନୁସନ୍ଧାନ କରିବା ବିଜ୍ଞାନର ଚରମ ଲକ୍ଷ୍ୟ । ମନୁଷ୍ୟର ଅଭିଜ୍ଞତା, ଅନୁଭୂତି ଓ ଉପଲବ୍ଧିରୁ ଏହାର ସୃଷ୍ଟି । ଏହା ହେଉଛି ନିବିଡ ଶୃଙ୍ଖଳା ଓ ସୁସଂହତ ଜ୍ଞାନର ବିପୁଳ ବିଭବ । ଜୀବନର ଧାରା ରୂପେ ବିଜ୍ଞାନ ମନୁଷ୍ୟର ସମସ୍ତ ଚିନ୍ତା ଓ ଚେତନାକୁ ଗଭୀର ଭାବେ ଆଲୋଡିତ କରିଥାଏ । ତେଣୁ ସାହିତ୍ୟ ଓ ଗଣମାଧ୍ୟମରେ ସ୍ୱାଭାବିକ ଭାବେ ବୈଜ୍ଞାନିକ ଚେତନା ପ୍ରତିଫଳିତ ହୋଇଥାଏ । ଏକ ପ୍ରାଚୀନ ତଥା ସମୃଦ୍ଧ ଭାଷା ଭାବରେ ଓଡ଼ିଆ ସାହିତ୍ୟରେ ବିଜ୍ଞାନର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ ଘଟିଛି । ଓଡ଼ିଆ ଭାଷାରେ ରଚିତ ମହାଭାରତ, ଭାଗବତ ଆଦି ପ୍ରାଚୀନ ଗ୍ରନ୍ଥର କେତେକ ସ୍ଥାନରେ ବିଜ୍ଞାନସମ୍ମତ ବର୍ଣ୍ଣନା ରହିଛି ।

୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶାକୁ ଅଧିକାର କରିବା ପରେ ଏହି ଅଞ୍ଚଳର ଭାଷା ଓ ସାହିତ୍ୟ ପ୍ରଭାବିତ ହୋଇଥିଲା । ୧୮୨୨ ମସିହାରେ ପାଦ୍ରୀ ମିସନାରୀମାନେ ଖ୍ରୀଷ୍ଟଧର୍ମର ପ୍ରଚାର ଉଦ୍ଦେଶ୍ୟରେ ଓଡ଼ିଶାରେ ପ୍ରବେଶ କରିଥିଲେ । ସେମାନେ ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ପୁସ୍ତିକା ଓ ହିନ୍ଦୁଧର୍ମ ବିରୋଧୀ ପ୍ରଚାର ପତ୍ର ଛାପିବା ଉଦ୍ଦେଶ୍ୟରେ ୧୮୩୬-୩୭ ମସିହାରେ କଟକରେ 'ଓଡ଼ିଆ ମିସନ୍ ପ୍ରେସ୍' ପ୍ରତିଷ୍ଠା କରିଥିଲେ । ଏହା ଥିଲା ଓଡ଼ିଶାର ପ୍ରଥମ ମୁଦ୍ରଣାଳୟ । ଶିକ୍ଷାକୁ ଖ୍ରୀଷ୍ଟଧର୍ମ ପ୍ରଚାରର ମୁଖ୍ୟ ମାଧ୍ୟମ ରୂପେ ବିଚାର କରି ପାଦ୍ରୀମାନେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ନିୟନ୍ତ୍ରଣ କରିଥିଲେ । ଏହି ଉଦ୍ଦେଶ୍ୟରେ ସେମାନେ ପ୍ରଥମେ ପୁରୀ ଓ କଟକରେ କେତେଗୋଟି ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଏହିସବୁ ବିଦ୍ୟାଳୟରେ ବିଭିନ୍ନ ପାଠ୍ୟପୁସ୍ତକ ସମେତ ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନର ପ୍ରସାର ପାଇଁ କେତେଗୋଟି ବିଜ୍ଞାନ ପୁସ୍ତକ ମଧ୍ୟ ପ୍ରଚଳିତ ହୋଇଥିଲା । ଏହା ଫଳରେ ଓଡ଼ିଆ ଭାଷାରେ ବିଜ୍ଞାନ ସାହିତ୍ୟର ଭିତ୍ତି ପ୍ରତିଷ୍ଠିତ ହୋଇଥିଲା । ପ୍ରଥମେ ୧୮୩୨ ମସିହାରେ ଅମ୍ସ ସଟନ ସାହେବ 'ପଦାର୍ଥ ବିଦ୍ୟାସାର' ନାମରେ ଏକ ବିଜ୍ଞାନ ପାଠ୍ୟ ପୁସ୍ତକ ରଚନା କରିଥିଲେ । ସେ ଏହି ପୁସ୍ତକଟିକୁ ବଙ୍ଗଳା ଭାଷାରୁ ଓଡ଼ିଆକୁ ଅନୁବାଦ କରିଥିଲେ । ଏହା ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇ ବିଦ୍ୟାଳୟଗୁଡିକରେ ପାଠ୍ୟପୁସ୍ତକ ରୂପେ ପ୍ରଚଳିତ ହୋଇଥିଲା ।

ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଓ ସୁରକ୍ଷା ପାଇଁ ପ୍ରତ୍ୟେକ ସ୍ୱାଭିମାନୀ ଓଡ଼ିଆଙ୍କ ମଧ୍ୟରେ ଏକ ଉନ୍ମାଦନା ଜାତ ହେବାରୁ ଓଡ଼ିଆ ପାଠ୍ୟପୁସ୍ତକରେ ତାହାର ପ୍ରଭାବ ପଡିଥିଲା । ପୁନଶ୍ଚ ପାଶ୍ଚାତ୍ୟ ରାଷ୍ଟ୍ର ସମୂହରେ ଶିଳ୍ପ ବିପ୍ଳବ ଓ ବୈଜ୍ଞାନିକ ଗବେଷଣାର ପ୍ରଭାବ ମଧ୍ୟ ଭାରତୀୟ ସମାଜରେ ଅନୁଭୂତ ହୋଇଥିବାରୁ ପାଠ୍ୟ ପୁସ୍ତକରେ ଜ୍ଞାନବିଜ୍ଞାନ ସମ୍ବଳିତ ବିଷୟ ପ୍ରମୁଖ ସ୍ଥାନ ଅଧିକାର କଲା । ଏହି ସମୟରେ ଓଡ଼ିଆରେ ରଚିତ ଷ୍ଟୁଆର୍ଟ ସାହେବ 'ପଦାର୍ଥ ବିଜ୍ଞାନ', ଭୁବନେଶ୍ୱର ଦତ୍ତଙ୍କ 'ସରଳ ରସାୟନ', ଉମା ପ୍ରସାଦ ଦେଙ୍କ 'ସ୍ୱାସ୍ଥ୍ୟ ରକ୍ଷା', ଦ୍ୱାରୀ ବାବୁଙ୍କ ଜଡବିଜ୍ଞାନ, ଗୌରୀ ଶଙ୍କର ରାୟ ଓ ଦୁର୍ଗାଚରଣ ସାହୁଙ୍କ ପ୍ରାକୃତିକ ଭୂଗୋଳ ବିଦ୍ୟାଳୟରେ ପାଠ୍ୟ ପୁସ୍ତକ ରୂପେ ଗୃହୀତ ହୋଇଥିଲା । ସେହିପରି ବିଦ୍ୟାଳୟଗୁଡିକରେ ସାହିତ୍ୟ ପାଠ୍ୟ ପୁସ୍ତକ ରୂପେ ଗୃହୀତ ମଧୁସୂଦନ ରାଓଙ୍କ ପ୍ରବନ୍ଧମାଳା ପୁସ୍ତକରେ ମଧ୍ୟ କେତେଗୋଟି ବିଜ୍ଞାନ ଓ ଭୂଗୋଳ ପ୍ରବନ୍ଧ ସ୍ଥାନ ପାଇଥିଲା ।

ପାଠ୍ୟପୁସ୍ତକ ମାଧ୍ୟମରେ ଓଡ଼ିଆ ଭାଷାରେ ବିଜ୍ଞାନର ପରିପ୍ରକାଶ ଘଟିବା ସହିତ ଓଡ଼ିଆ ପତ୍ରପତ୍ରିକାଗୁଡିକରେ ମଧ୍ୟ ବିଜ୍ଞାନଭିତ୍ତିକ ପ୍ରବନ୍ଧ ସ୍ଥାନ ପାଇଲା । ୧୮୨୬ ମସିହା ବେଳକୁ

ସାଧୁସୁନ୍ଦର ଦାସଙ୍କ ପ୍ରତିଷ୍ଠିତ କୁଜିବର ମଠରୁ ପ୍ରକାଶିତ 'କୁଜିବର' ପତ୍ରିକାରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ଜ୍ଞାନ ବିଜ୍ଞାନ ସମ୍ପର୍କିତ ଲେଖା ପ୍ରକାଶ ପାଉଥିଲା । (ରବିବାର ସମାଜ, ମେ-୨୭,୨୦୦୧) । ୧୮୮୦ ମସିହାରେ ମହାରାଜ ବୈକୁଣ୍ଠନାଥ ଦେ ବାହାଦୁରଙ୍କ ଆର୍ଥିକ ସହାୟତାରେ ତଥା ମଧୁସୂଦନ ରାଓଙ୍କ ସମ୍ପାଦନାରେ ବାଲେଶ୍ୱରରୁ 'ଉତ୍କଳ ଦର୍ପଣ' ନାମରେ ଏକ ସାହିତ୍ୟ ପତ୍ରିକା ପ୍ରକାଶିତ ହେଉଥିଲା । ସେଥିରେ ଭକ୍ତକବିଙ୍କର ସୂର୍ଯ୍ୟ, ଚନ୍ଦ୍ର, ଉଲ୍‌କାପିଣ୍ଡ, ଆଗ୍ନେୟଗିରି, ତାରା, ଆଇଜାକ୍ ନିଉଟନ୍ ଆଦି ବିଜ୍ଞାନଭିତ୍ତିକ ପ୍ରବନ୍ଧ ପ୍ରକାଶିତ ପାଇଥିଲା । ଅନ୍ୟାନ୍ୟ ପତ୍ରପତ୍ରିକାରେ ତାଙ୍କର 'ବ୍ରହ୍ମାଣ୍ଡ କି ପ୍ରକାଣ୍ଡ' ବାୟୁ ରାଶି ଆଦି ପ୍ରବନ୍ଧ ଏବଂ ପବନ, ଆକାଶ ପ୍ରତି, ଧରଣୀ ପ୍ରତି, ସମୁଦ୍ର ଉକ୍ତି, ଆଦି କେତେଗୋଟି ବିଜ୍ଞାନ ଭିତ୍ତିକ କବିତା ପ୍ରକାଶିତ ହୋଇଥିଲା । ୧୮୯୭ ମସିହାରେ ବିଶ୍ୱନାଥ କରଙ୍କ ସମ୍ପାଦନାରେ କଟକର ଅରୁଣୋଦୟ ପ୍ରେସ୍‌ରୁ ପ୍ରକାଶିତ ହୋଇଥିଲା ଏକ ଉଚ୍ଚମାନର ସାହିତ୍ୟ ପତ୍ରିକା 'ଉତ୍କଳ ସାହିତ୍ୟ' । ଏହି ପତ୍ରିକାଟିର ପ୍ରଥମ ଭାଗରେ ବିଭିନ୍ନ ସଂଖ୍ୟାରେ ଶ୍ୟାମସୁନ୍ଦର ନନ୍ଦଙ୍କ 'ବେଞ୍ଜାମିନ୍ ଫ୍ରାଙ୍କଲିନ୍', ମଧୁସୂଦନ ଦାସଙ୍କ 'ଖାଦ୍ୟ ଦ୍ରବ୍ୟ ସହିତ ମାନବ ଜୀବନର ସମ୍ବନ୍ଧ, ଚନ୍ଦ୍ରମୋହନ ମହାରଣାଙ୍କ 'ଭୂଗୋଳ ବିଦ୍ୟା' ଆଦି ବିଜ୍ଞାନ ଭିତ୍ତିକ ପ୍ରବନ୍ଧ ପ୍ରକାଶ ପାଇଥିଲା । ପରବର୍ତ୍ତୀ କାଳରେ ସମ୍ପାଦକଙ୍କ ଦ୍ୱାରା ପ୍ରଭାବିତ ହୋଇ ଡ. ପ୍ରାଣକୃଷ୍ଣ ପରିଜା, ବିରାଜ ମୋହନ ସେନାପତି, ହରିବନ୍ଧୁ ମହାନ୍ତି, ଜଳନ୍ଧର ଦେବ, ହରିଶ୍ଚନ୍ଦ୍ର ବଡାଳ, ପର୍ଶୁରାମ ମିଶ୍ରଙ୍କ ପରି ବହୁ ବୈଜ୍ଞାନିକ ଲେଖନୀ ଚାଳନା କରି ବିଜ୍ଞାନ ସାହିତ୍ୟକୁ ସମୃଦ୍ଧ କରିପାରିଥିଲେ ।

ବାମଣ୍ଡା ରାଜ୍ୟର ଗୁଣଗ୍ରାହୀ ରାଜା ବାସୁଦେବ ସୁଢଳ ଦେବଙ୍କ ପୃଷ୍ଠପୋଷକତା ତଥା ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ୧୮୮୯ ମସିହାରୁ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ପତ୍ରିକାରେ ମଧ୍ୟ କେତେକ ବିଜ୍ଞାନ ଲେଖା ପ୍ରକାଶିତ ହେଉଥିଲା । ଏଥିରେ ମୁଖ୍ୟତଃ ପ୍ରାବନ୍ଧିକ ଜଳନ୍ଧର ଦେବଙ୍କ ବିଜ୍ଞାନ ଲେଖା ସ୍ଥାନ ପାଉଥିଲା । ବାମଣ୍ଡା ରାଜ୍ୟର ରାଜକୁମାର ସଚ୍ଚିଦାନନ୍ଦ 'ବୃଷ୍ଟି ବିଜ୍ଞାନ' ଓ 'ଯୌନ ନିର୍ବାଚନ' ନାମରେ ଦୁଇଖଣ୍ଡ ବିଜ୍ଞାନ ପୁସ୍ତକ ରଚନା କରିଥିଲେ । ସଚ୍ଚିଦାନନ୍ଦଙ୍କ 'ବୃଷ୍ଟି ବିଜ୍ଞାନ' ଓଡ଼ିଆ ଭାଷାରେ ସର୍ବପ୍ରଥମ ବୈଜ୍ଞାନିକ ଗ୍ରନ୍ଥ ରୂପେ ପରିଚିତ । (ଓଡ଼ିଆ ସାହିତ୍ୟର ଇତିହାସ ପୃଷ୍ଠା-୨୫୩, ଡ. ମାୟାଧର ମାନସିଂହ) । ଉତ୍କଳ ସାହିତ୍ୟ, ସହକାର, ଭଞ୍ଜ ପ୍ରଦୀପ ଆଦି ପତ୍ର ପତ୍ରିକାରେ ମଧ୍ୟ ଜଳନ୍ଧର ଦେବଙ୍କର ଆତ୍ମମାନଙ୍କର ଯାନ ଓ ଅସ୍ତ୍ରଶସ୍ତ୍ର, ଶକ୍ତି ସମନ୍ୱିତ ବସ୍ତୁ ନିତ୍ୟ, ଜ୍ୟୋତିର୍ବିଦ୍ୟାର ଜୟ, ନକ୍ଷତ୍ର, ଭୂମିକମ୍ପ, ସୂର୍ଯ୍ୟ, ଧ୍ରୁବ, ସୃଷ୍ଟି, କୃଷି, ବସ୍ତୁ ଓ ଶକ୍ତି ଅବିନାଶୀ ଆଦି ପ୍ରବନ୍ଧ ପ୍ରକାଶ ପାଇଥିଲା ।

ମହିୟସୀ ସମ୍ପାଦିକା ରେବା ରାୟଙ୍କ ସମ୍ପାଦନାରେ ୧୯୦୯ ମସିହାରେ ପ୍ରକାଶିତ ପ୍ରଥମ ଓଡ଼ିଆ ଶିଶୁ ପତ୍ରିକା 'ପ୍ରଭାତ'ରେ ମଧ୍ୟ ବିଜ୍ଞାନ ଲେଖା ପ୍ରକାଶ ପାଉଥିଲା । ଏହାର ପ୍ରଥମ ସଂଖ୍ୟାରେ 'ଧୂଳିର ଆଶ୍ଚର୍ଯ୍ୟ କାର୍ଯ୍ୟ, 'ସୃଷ୍ଟି ପ୍ରଳୟର କଥା' ପରି ଦୁଇଗୋଟି ବିଜ୍ଞାନ ଲେଖା ସ୍ଥାନ ପାଇଥିଲା । ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କ ପରି ଲେଖକଗଣ ଏଥିରେ ଲେଖୁଥିଲେ । ଏହାର ପରବର୍ତ୍ତୀ କାଳରେ ପଞ୍ଚାମୃତ, ଜହ୍ନମାମୁଁ ପରି ଶିଶୁ ପତ୍ରିକାରେ ମଧ୍ୟ ବିଜ୍ଞାନଭିତ୍ତିକ ଲେଖା ସ୍ଥାନ ପାଉଥିଲା । ସେ ସମୟରେ ଉତ୍କଳ ସାହିତ୍ୟ, ନବଯୁଗ, ସହକାର, ମୁକୁର, ଆଲୋକ, ସତ୍ୟବାଦୀ ଆଦି ପତ୍ର ପତ୍ରିକାରେ ନିୟମିତ ବିଜ୍ଞାନ ଲେଖା ପ୍ରକାଶ ପାଉଥିଲା । ସତ୍ୟବାଦୀ ପତ୍ରିକାରେ 'ମନୁଷ୍ୟର କ୍ରମ ବିକାଶ' ନାମରେ ଏକ ବୈଜ୍ଞାନିକ ପ୍ରବନ୍ଧ ପ୍ରକାଶ ପାଇଥିଲା । ୧୯୪୧ ମସିହାରେ ପଣ୍ଡିତ ବାଳକୃଷ୍ଣ କର ଶିଶୁ ସଙ୍ଖାଳି ନାମରେ ଓଡ଼ିଆ ଭାଷାରେ ପ୍ରଥମ ବିଜ୍ଞାନ ଜ୍ଞାନକୋଷ ପ୍ରକାଶ କରିଥିଲେ । ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ଦ୍ୱାରା ରଚିତ ୪୦ ଖଣ୍ଡ ଜ୍ଞାନମଣ୍ଡଳ ଓ ୨ଖଣ୍ଡ ଶିଶୁ ଜ୍ଞାନମଣ୍ଡଳରେ ବହୁ ବିଜ୍ଞାନ ଲେଖା ଓ ବୈଜ୍ଞାନିକଙ୍କ ଜୀବନୀ ସ୍ଥାନ ପାଇଥିଲା । ଏହା ବ୍ୟତୀତ ସେ ପିଲାଙ୍କ ପାଇଁ ପ୍ରାୟ ୩୦ ଖଣ୍ଡ ବିଜ୍ଞାନଭିତ୍ତିକ ପୁସ୍ତକ ରଚନା କରିଥିଲେ । ଏଗୁଡିକ ଶିଶୁ ସାହିତ୍ୟର ଅମୂଲ୍ୟ ରତ୍ନ ।

୧୯୧୯ ମସିହାରେ ପୁରୀ ଜିଲ୍ଲାର ସତ୍ୟବାଦୀରୁ ପ୍ରକାଶ ପାଇଥିଲା ଓଡ଼ିଶାର ପ୍ରସିଦ୍ଧ ସମ୍ବାଦପତ୍ର 'ସମାଜ' । ପ୍ରଥମେ ଏହା ସାପ୍ତାହିକ ରୂପେ ପ୍ରକାଶ ପାଇ ୧୯୩୦ ମସିହା ବେଳକୁ ଦୈନିକ ସମ୍ବାଦପତ୍ର ରୂପେ ପ୍ରକାଶ ପାଉଥିଲା । ଏଥିରେ ନିୟମିତ ସମ୍ବାଦ ସାଙ୍ଗକୁ କେତେକ ବିଜ୍ଞାନଭିତ୍ତିକ ସମ୍ବାଦ ମଧ୍ୟ ପ୍ରକାଶିତ ହେଉଥିଲା । ଏହାର ପରବର୍ତ୍ତୀ କାଳରେ ପ୍ରଜାତନ୍ତ୍ର (୧୯୪୭), ମାତୃଭାଷା (୧୯୪୭), ଧରିତ୍ରୀ(୧୯୬୫), ପ୍ରଗତିବାଦୀ(୧୯୭୩), ସମ୍ବାଦ(୧୯୮୪) ଆଦି ସମ୍ବାଦପତ୍ରଗୁଡିକରେ ମଧ୍ୟ ବହୁ ବିଜ୍ଞାନଭିତ୍ତିକ ସମ୍ବାଦମାନ ପ୍ରକାଶ ପାଉଥିଲା ।

ଓଡ଼ିଆ ଭାଷାରେ ବିଜ୍ଞାନର ପ୍ରସାର ଉଦ୍ଦେଶ୍ୟରେ ୧୯୪୯ ମସିହା ଅଗଷ୍ଟ ୭ତାରିଖରେ ଗଠିତ ହୋଇଥିଲା ବିଜ୍ଞାନ ପ୍ରଚାର ସମିତି । ଏହା ମାଧ୍ୟମରେ ବହୁ ଲେଖକ ସୃଷ୍ଟି ହୋଇ ବିଜ୍ଞାନଭିତ୍ତିକ

ରଚନାରେ ବ୍ରତୀ ହୋଇଥିଲେ । ୧୯୬୯ ମସିହାରେ ପ୍ରକାଶ ପାଇଥିଲା ଓଡ଼ିଆ ଭାଷାରେ ପ୍ରଥମ ବିଜ୍ଞାନ ପତ୍ରିକା 'ବିଜ୍ଞାନ ପ୍ରଭା' । ଏହା ବିଜ୍ଞାନ ପ୍ରଚାର ସମିତି ଆନୁକୂଲ୍ୟରେ ପ୍ରକାଶ ପାଇଥିଲା । ୧୯୭୬ ମସିହାରେ ବିଜ୍ଞାନ ପ୍ରଚାର ସମିତି ନିଜର ଏକ ଦ୍ୱିମାସିକ ପତ୍ରିକା 'ବିଜ୍ଞାନାଲୋକ' ପ୍ରକାଶ କରିଥିଲା । ଓଡ଼ିଶା ସରକାରଙ୍କ ସଂସ୍ଥା ଓଡ଼ିଶା ବିଜ୍ଞାନ ଏକାଡେମୀ ୧୯୯୨ ମସିହାରୁ ଏହାର ଏକ ଦ୍ୱିମାସିକ ପତ୍ରିକା 'ବିଜ୍ଞାନ ଦିଗନ୍ତ'ର ପ୍ରକାଶନ ଆରମ୍ଭ କରି ପରେ ତାହାକୁ ମାସିକରେ ପରିଣତ କରାଯାଇଛି । ଏହା ବ୍ୟତୀତ ସୃଜନୀକା 'ବିଜ୍ଞାନ ତରଙ୍ଗ' ଓ ପରିବେଶ ସମିତି 'ପରିବେଶ ତରଙ୍ଗ' ନାମକ ପତ୍ରିକାର ପ୍ରକାଶନ ଆରମ୍ଭ କରିଥିଲେ । ଅନ୍ୟ କେତେଗୋଟି ସଂସ୍ଥା ତରଫରୁ ବିଜ୍ଞାନ ସୌରଭ, ବିଜ୍ଞାନ ମଧୁପ ଆଦି ପତ୍ରିକାର ପ୍ରକାଶନ ହୋଇଥିଲା । ଓଡ଼ିଆ ଭାଷାରେ ବିଜ୍ଞାନ ପ୍ରସାର ପାଇଁ ଓଡ଼ିଶାରୁ ଏଯାବତ ୬ଜଣ ବିଜ୍ଞାନ ଲେଖକ ଜାତୀୟ ବିଜ୍ଞାନ ସଞ୍ଚାର ପୁରସ୍କାର ହାସଲ କରି ରାଜ୍ୟର ଗୌରବ ବୃଦ୍ଧି କରିଛନ୍ତି । ସମ୍ବାଦପତ୍ର ଓ ପତ୍ରପତ୍ରିକାଗୁଡିକରେ ନିୟମିତ ବିଜ୍ଞାନଭିତ୍ତିକ ଲେଖା ପ୍ରକାଶ ପାଉଛି । ଓଡ଼ିଆ ଭାଷାରେ ମଧ ପ୍ରତିବର୍ଷ ବହୁସଂଖ୍ୟକ ବିଜ୍ଞାନ ପୁସ୍ତକ ପ୍ରକାଶ ପାଉଛି । ରାଜ୍ୟର ପ୍ରତ୍ୟେକ ଆକାଶବାଣୀ କେନ୍ଦ୍ରରୁ ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମମାନ ପ୍ରଚାରିତ ହେଉଛି । ଦେଶର ଅନ୍ୟାନ୍ୟ ପ୍ରାନ୍ତୀୟ ଭାଷା ତୁଳନାରେ ଓଡ଼ିଆ ଭାଷାରେ ବିଜ୍ଞାନ ସାହିତ୍ୟ କୌଣସି ଗୁଣରେ ନ୍ୟୂନ ନୁହେଁ ।

ଅଭ୍ୟର୍ଥନା
କ୍ୱାର୍ଟସ ନଂ- ଏଫ୍/୫୫୪
ଇବ୍‌ଥର୍ମାଲ, ଜି-ଝାରସୁଗୁଡା-୭୬୮୨୩୪

❖ ❖ ❖

## ପାଞ୍ଚକୋଟିରୁ ଅଧିକ ପର୍ଯ୍ୟଟନ ପ୍ରକଳ୍ପ ପ୍ରସ୍ତାବ-ଇପିକଲ ମାଧ୍ୟମରେ ଓ ପାଞ୍ଚକୋଟିରୁ କମ୍ ଜିଲ୍ଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ କାର୍ଯ୍ୟକାରୀ ହେବ

ଓଡ଼ିଶା ଶିଳ୍ପ ସୁବିଧା ନିୟମ, ୨୦୦୪(ଓଡ଼ିଶା ନିୟମ ୧୪, ୨୦୦୪) ଧାରା ୪(୧) ଓ ୫(୧)ର କ୍ଷମତା ମୁତାବକ, ରାଜ୍ୟ ସରକାର ପାଞ୍ଚକୋଟିରୁ ଅଧିକ ପର୍ଯ୍ୟଟନ ପ୍ରକଳ୍ପ ପ୍ରସ୍ତାବ ରାଜ୍ୟର ପ୍ରମୁଖ ସଂସ୍ଥା ଇପିକଲ ମାଧ୍ୟମରେ କାର୍ଯ୍ୟକାରୀ କରି ପର୍ଯ୍ୟଟନ ଟାସ୍କଫୋର୍ସ ମାଧ୍ୟମରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ ନିର୍ଗମନ କର୍ତ୍ତୃପକ୍ଷଙ୍କ ନିକଟରେ ପେଶ୍ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ପାଞ୍ଚ କୋଟିରୁ କମ୍ ପ୍ରକଳ୍ପ ଜିଲ୍ଲାସ୍ତରୀୟ ପ୍ରମୁଖ ସଂସ୍ଥା ଜିଲ୍ଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ଜିଲ୍ଲାସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ ନିର୍ଗମନ କର୍ତ୍ତୃପକ୍ଷଙ୍କ ଅନୁମୋଦନ ନିମନ୍ତେ ପେଶ୍ କରାଯିବ ।

ଏପରିକି ଭୁବନେଶ୍ୱର, ପୁରୀ, କଟକ, ପାରାଦ୍ୱୀପ, ବ୍ରହ୍ମପୁର, ଝାରସୁଗୁଡା, ରାଉରକେଲା, ସୁନ୍ଦରଗଡ, ଅନୁଗୋଳ, ଢେଙ୍କାନାଳ ସହରାଞ୍ଚଳରେ ୫କୋଟିରୁ କମ୍ ପର୍ଯ୍ୟଟନ ପ୍ରକଳ୍ପ ପ୍ରସ୍ତାବ ଟାସ୍କଫୋର୍ସ ମାଧ୍ୟମରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ ନିର୍ଗମନ କର୍ତ୍ତୃପକ୍ଷଙ୍କ ନିକଟରେ ମଧ ପେଶ୍ କରାଯିବ ବୋଲି ଶିଳ୍ପ ବିଭାଗର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି ।